# President of India attends bilateral meetings during his visit to Bangladesh

December 15, 2021

## ବାଙ୍ଗଲାଦେଶ ଗସ୍ତ ସମୟରେ ଭାରତର ରାଷ୍ଟ୍ରପତି ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେଇଛନ୍ତି

ଡିସେମ୍ବର 15, 2021

**ବାଙ୍ଗଲାଦେଶରେ ଭାରତର ରାଷ୍ଟ୍ରପତି; ଦ୍ୱିପାକ୍ଷିକ ବୈଠକରେ ଯୋଗ ଦେଇଛନ୍ତି**

**ଭାରତର 'ପଡୋଶୀ ପ୍ରଥମ' ନୀତିରେ ବାଙ୍ଗଲାଦେଶର ଏକ ସ୍ୱତନ୍ତ୍ର ସ୍ଥାନ ଅଛି: ରାଷ୍ଟ୍ରପତି କୋବିନ୍ଦ**

ଭାରତର ରାଷ୍ଟ୍ରପତି ଶ୍ରୀ ରାମ ନାଥ କୋବିନ୍ଦ ଆଜି (15 ଡିସେମ୍ବର 2021) ଢାକାସ୍ଥିତ ହଜରତ ଶାହାଜଲାଲ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅବତରଣ କରିଥିଲେ ଯେଉଁଠାରେ ତାଙ୍କୁ ବାଙ୍ଗଲାଦେଶର ରାଷ୍ଟ୍ରପତି ଶ୍ରୀ ମହମ୍ମଦ ଅବଦୁଲ ହମିଦ ସ୍ୱାଗତ କରିଥିଲେ। ରାଷ୍ଟ୍ରପତି କୋବିନ୍ଦ 15 ରୁ 17 ଡିସେମ୍ବର 2021 ପର୍ଯ୍ୟନ୍ତ ବାଙ୍ଗଲାଦେଶ ଗସ୍ତରେ ଯାଇଛନ୍ତି, ଯାହାକି କୋଭିଡ ମହାମାରୀ ଆରମ୍ଭ ହେବା ପରଠାରୁ ତାଙ୍କର ପ୍ରଥମ ବିଦେଶ ଗସ୍ତ।

ରାଷ୍ଟ୍ରପତିଙ୍କୁ ଆନୁଷ୍ଠାନିକ ସ୍ୱାଗତ ପ୍ରଦାନ କରାଯାଇଥିଲା ଏବଂ ବିମାନବନ୍ଦରରେ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ଏହା ପରେ ସେ ସାଭାରସ୍ଥିତ ଜାତୀୟ ଶହୀଦ ମେମୋରିଆଲ ପରିଦର୍ଶନ କରି ବାଙ୍ଗଲାଦେଶର ମୁକ୍ତି ଯୁଦ୍ଧରେ ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରବର୍ତ୍ତୀ ସମୟରେ ସେ 32 ଧାନମୋଣ୍ଡିରେ ବଙ୍ଗବନ୍ଧୁ ମେମୋରିଆଲ ସଂଗ୍ରହାଳୟ ପରିଦର୍ଶନ କରିଥିଲେ ଯେଉଁଠାରେ ସେ ବାଙ୍ଗଲାଦେଶର ପିତା ବଙ୍ଗବନ୍ଧୁ ଶେଖ ମୁଜିବୁର ରହମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଅପରାହ୍ନରେ ରାଷ୍ଟ୍ରପତି ବାଙ୍ଗଲାଦେଶର ରାଜନୈତିକ ନେତୃବର୍ଗ ଯଥା ରାଷ୍ଟ୍ରପତି ମହମ୍ମଦ ଅବଦୁଲ ହମିଦ, ପ୍ରଧାନମନ୍ତ୍ରୀ ଶେଖ ହସିନା ଏବଂ ବୈଦେଶିକ ମନ୍ତ୍ରୀ ଡକ୍ଟର ଏକେ ଅବଦୁଲ ମୋମେନଙ୍କୁ ଭେଟିଥିଲେ।

ଏହି ବୈଠକରେ ରାଷ୍ଟ୍ରପତି ମୁଜିବ ବୋରଶୋ, ବାଙ୍ଗଲାଦେଶ ମୁକ୍ତ ହେବାର 50 ତମ ବାର୍ଷିକୀ ଏବଂ ଭାରତ-ବାଙ୍ଗଲାଦେଶ ଦ୍ୱିପାକ୍ଷିକ ସମ୍ପର୍କର 50 ବର୍ଷ ପୂର୍ତ୍ତି ଅବସରରେ ବାଙ୍ଗଲାଦେଶ ସରକାର ଓ ଲୋକଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେ କହିଥିଲେ ଯେ ବାଙ୍ଗଲାଦେଶର ମୁକ୍ତି ଯୁଦ୍ଧ ସାମ୍ପ୍ରତିକ ଇତିହାସରେ ଏକ ପ୍ରେରଣାଦାୟକ ଘଟଣା ଏବଂ ଏହାର ଅଂଶ ହୋଇଥିବାରୁ ଭାରତ ଗୌରବାନ୍ୱିତ ହୋଇଛି। ସେ କହିଥିଲେ ଯେ 50 ବର୍ଷ ପୂର୍ବେ ଭାରତ ଓ ବାଙ୍ଗଲାଦେଶ ଏକ ସ୍ୱତନ୍ତ୍ର ବନ୍ଧୁତା ଆରମ୍ଭ କରିଥିଲେ ଯାହା ଭାଷା, ସମ୍ପର୍କ, ଧର୍ମ ଏବଂ ସାଂସ୍କୃତିକ ନୈତିକତା ତଥା ପାରସ୍ପରିକ ସମ୍ମାନର ମୂଳଦୁଆ ଉପରେ ଆଧାରିତ।

ରାଷ୍ଟ୍ରପତି ଦୋହରାଇଥିଲେ ଯେ ଭାରତର 'ପଡ଼ୋଶୀ ପ୍ରଥମ' ନୀତିରେ ବାଙ୍ଗଲାଦେଶର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ସେ କହିଥିଲେ ଯେ ବାଙ୍ଗଲାଦେଶ ସହିତ ଭାରତର ବିକାଶ ସହଭାଗୀତା ହେଉଛି ବ୍ୟାପକ ଓ ବିସ୍ତୃତ।  ଆମର ସମ୍ପର୍କ ଜଟିଳ ସମସ୍ୟାର ସମାଧାନ ପାଇଁ ଯଥେଷ୍ଟ ପରିପକ୍□।

ବାଣିଜ୍ୟ ଓ ସଂଯୋଗୀକରଣ ବିଷୟରେ ରାଷ୍ଟ୍ରପତି କହିଥିଲେ ଯେ ସଂଯୋଗୀକରଣ ଭାରତ-ବାଙ୍ଗଲାଦେଶ ସମ୍ପର୍କର ଏକ ଗୁରୁତ୍ୱପୂର୍ଣ୍ଣ ସ୍ତମ୍ଭ ଅଟେ। ଭୈଗୋଳିକ ନିକଟତରତା ଯୋଗୁ ଦୁଇ ଦେଶକୁ ଅନେକ କିଛି ଲାଭ ମିଳିପାରିବ। ସେ ଖୁସିର ସହ କହିଥିଲେ ଯେ ବାଙ୍ଗଲାଦେଶ ହେଉଛି ଭାରତର ସବୁଠୁ ବଡ ବାଣିଜ୍ୟ ସହଭାଗୀ। ସେ କହିଥିଲେ ଯେ ଦୁଇ ଦେଶ ମଧ୍ୟରେ ଅଧିକ ସଂଗଠିତ ଓ ନିରବଚ୍ଛିନ୍ନ ବାଣିଜ୍ୟ ପାଇଁ ଭାରତ ଆଗ୍ରହୀ। ସେ ଉଲ୍ଲେଖ କରିଥିଲେ ଯେ ମହାକାଶ, ଆଣବିକ ପ୍ରଯୁକ୍ତିବିଦ୍ୟା, ପ୍ରତିରକ୍ଷା, ଫାର୍ମାସ୍ୟୁଟିକାଲ୍ସ ଏବଂ ଅନ୍ୟାନ୍ୟ ଉନ୍ନତ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଭଳି କ୍ଷେତ୍ରରେ ଭାଗିଦାରୀ କରିବାରେ ଅପାର ସମ୍ଭାବନା ଅଛି। ସେ କହିଥିଲେ ଯେ ଏକ ଆନୁଷ୍ଠାନିକ 'ବିସ୍ତୃତ ଅର୍ଥନୈତିକ ଭାଗିଦାରୀ ଚୁକ୍ତିନାମା' ଦ୍ୱିପାକ୍ଷିକ ବାଣିଜ୍ୟକୁ ପ୍ରୋତ୍ସାହିତ କରିବ।

କୋଭିଡ ମହାମାରୀ ସମୟରେ ଭାରତ ଓ ବାଙ୍ଗଲାଦେଶ ମଧ୍ୟରେ ସହଯୋଗକୁ ଉଲ୍ଲେଖ କରି ରାଷ୍ଟ୍ରପତି ବାଙ୍ଗଲାଦେଶରୁ ମିଳିଥିବା ସହାୟତାକୁ ପ୍ରଶଂସା କରିଥିଲେ। ସେ ଖୁସିର ସହ ଉଲ୍ଲେଖ କରିଥିଲେ ଯେ ଭାରତରୁ ପ୍ରଥମେ ଟିକା ଗ୍ରହଣ କରିଥିବା ଦେଶମାନଙ୍କ ମଧ୍ୟରୁ ବାଙ୍ଗଲାଦେଶ ଅନ୍ୟତମ ଏବଂ ସବୁଠାରୁ ଅଧିକ ଭାରତ ନିର୍ମିତ ଟିକା ଗ୍ରହଣ କରିଥିବା ଦେଶ।

ବହୁପକ୍ଷୀୟ ମଞ୍ଚରେ ସହଯୋଗ ବିଷୟରେ ରାଷ୍ଟ୍ରପତି କହିଥିଲେ ଯେ ଭାରତ ଓ ବାଙ୍ଗଲାଦେଶର ସମସ୍ୟା ଓ ସମାନ ଚିନ୍ତାଧାରାର ଏକ ବ୍ୟାପକ ଏଜେଣ୍ଡା ରହିଛି, ବିଶେଷକରି ଦକ୍ଷିଣ ଏସିଆକୁ ନେଇ ଦୁଇ ଦେଶ ମଧ୍ୟରେ ଘନିଷ୍ଠ ସହଯୋଗ ଆବଶ୍ୟକ।

ସନ୍ଧ୍ୟାରେ ଭାରତର ରାଷ୍ଟ୍ରପତିଙ୍କ ସମ୍ମାନାର୍ଥେ ବାଙ୍ଗଲାଦେଶର ରାଷ୍ଟ୍ରପତିଙ୍କ ଦ୍ୱାରା ଆୟୋଜିତ ଏକ ଭୋଜିରେ ସେ ଯୋଗ ଦେଇଥିଲେ।

ଆସନ୍ତାକାଲି ରାଷ୍ଟ୍ରପତି ବିଜୟ ଦିବସ ପରେଡରେ ଉପସ୍ଥିତ ରହିବେ ଏବଂ "ମୁଜିବ ବୋରଶୋ" ଉତ୍ସବର ସମାପ୍ତି ଅବସରରେ ବାଙ୍ଗଲାଦେଶର ରାଷ୍ଟ୍ରପତିଙ୍କ ଦ୍ୱାରା ଆୟୋଜିତ ବିଜୟ ଦିବସ ସ୍ୱାଗତ କାର୍ଯ୍ୟକ୍ରମରେ ଯୋଗଦେବେ।

**ଢାକା**

**ଡିସେମ୍ବର 15, 2021**

DISCLAIMER: This is an approximate translation. The original is available in English on MEA's website and may be referred to as the official press release.